ମୁଖତିଆର ଅହମ୍ମଦ

ବନାମ

ଶ୍ରୀମତୀ ହୁସାନ ବାନୋ ଏବଂ ଅନ୍ୟମାନେ

ଫେବୃଆରୀ 14,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908*

*ଧାରା 11--ଆଇନଗତ ସିଦ୍ଧାନ୍ତ – ସହ-ଅଂଶୀଦାରଙ୍କ ଦ୍ୱାରା ମକଦ୍ଦମା ଆଗତ ହୋଇଛି--ତଥ୍ୟ ମିଳିଛି ଯେ ସମ୍ପତ୍ତିରେ ସେ 1/5 ଭାଗ ପାଇବାପାଇଁ ହକଦାର ଥିଲେ ଏବଂ 2/3 ଭାଗ ନୁହେଁ–ପରବର୍ତ୍ତୀ ମକଦ୍ଦମା ଏକ ଘୋଷଣା ପାଇଁ ଯେ ସେ 2/3 ଭାଗ ପାଇଁ ହକଦାର-- ପୂର୍ବ ମକଦ୍ଦମାରେ ମିଳିଥିବା ତଥ୍ୟ ଆଇନଗତ ସିଦ୍ଧାନ୍ତ ଭାବେ କାର୍ଯ୍ୟ କରେ -- ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପରବର୍ତ୍ତୀ ମକଦ୍ଦମାକୁ ସଠିକ୍ ଭାବରେ ଖାରଜ କରାଯାଇଛି ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1812/1978

18.5.78 ତାରିଖରେ ଆହ୍ଲାବାଦ ଉଚ୍ଚ ନାୟଳୟଙ୍କ ଦ୍ୱିତୀୟ ଆବେଦନ ସଂଖ୍ୟା 1341/1968 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆର୍. କେ. ମେହେଟ୍ଟା ଆବେଦନକାରୀଙ୍କ ପାଇଁ ।

ଅସୀମ ମେହରୋତ୍ରା ଏବଂ ପି. କେ. ଜୈନ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀ ଘରର ଦୁଇ ତୃତୀୟାଂଶ ଭାଗକୁ ତାଙ୍କ ସପକ୍ଷରେ କରିବା ପାଇଁ ଘୋଷଣା ମକଦ୍ଦମା ଦାୟର କରିଥିଲେ, ଏହି ଆଧାରରେ ଯେ ସେ ଜଣେ ସହ-ମାଲିକ ଥିଲେ । ଏହା ବିବାଦରେ ନାହିଁ ଯେ ସହ-ଅଂଶୀଦାରଙ୍କ ଦ୍ୱାରା ପୂର୍ବରୁ ଆଗତ ହୋଇଥିବା ଏକ ମକଦ୍ଦମାରେ ତଥ୍ୟ ମିଳିଥିଲା ଯେ ସେ ଦୁଇ ତୃତୀୟାଂଶ ଅଂଶ ପାଇଁ ହକଦାର ନଥିଲେ ବରଂ ଏକ ପଞ୍ଚମାଂଶ ଅଂଶ ପାଇବା ପାଇଁ ହକଦାର ଥିଲେ । ଉକ୍ତ ବିଚାରାଦେଶ ଚୂଡ଼ାନ୍ତ ହୋଇଥିଲା । ଏହି ପ୍ରସଙ୍ଗରେ, ଏହା ସହ-ମାଲିକମାନଙ୍କ ବିରୋଧରେ *ଆଇନଗତ ସିଦ୍ଧାନ୍ତ* ଭାବେ କାର୍ଯ୍ୟ କରେ । ସେ ଦୁଇ ତୃତୀୟାଂଶ ଅଂଶ ପାଇଁ ମକଦ୍ଦମାରେ କୌଣସି ଦାବି କରିପାରିବେ ନାହିଁ । ତେଣୁ ଉଚ୍ଚ ନ୍ୟାୟାଳୟ, ଏହି ମକଦ୍ଦମାକୁ ଖାରଜ କରିବାରେ ଠିକ୍ ଥିଲେ । ଉଚ୍ଚ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟରେ କୌଣସି ବୈଧତା ଅଛି ବୋଲି ଆମେ ଭାବୁନାହୁଁ ।

ତଦନୁସାରେ ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।